## ସଂକ୍ଷେପରେ

### ମହୁପଦର ପଞ୍ଚାୟତ ଗସ୍ତରେ ଚିତ୍ରକୋଣ୍ଡା ବିଧାୟକ, ମାଥିଲି ବ୍ଲକ ଅଧକ୍ଷ

ମାଥିଲି,୧୯।୪( ଡି.ଏନ୍.ଏ.): ମାଥିଲି ବ୍ଲକ ମହୁପଦର ପଞ୍ଚାୟତ ଗୋଲିଆଗୁଡ଼ା ଗସ୍ତରେ ଆସି ଗ୍ରାମଦେବୀଙ୍କ ମନ୍ଦିର ନିର୍ମାଣ ପାଇଁ ଶୁଭ ଦେଇଛନ୍ତି ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଏବଂ ସ୍ଥାନୀୟ ବ୍ଲକ ଅଧକ୍ଷ ମହେଶ କୁମାର ବାକା। ଏଥିସହ ଗ୍ରାମବାସୀଙ୍କୁ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ବିଧାୟକଙ୍କ ପ୍ରତି ଗ୍ରାମବାସୀଙ୍କ ଭଲପାଇବା ଏମିତି ରହୁ ଏବଂ ଆମ ପରମ୍ପରା ଓ ଆମ ସାଂସ୍କୃତିକ ସବୁଦିନ ପାଇଁ ବଞ୍ଚି ରହୁ ବୋଲି ବିଧାୟକ ଗ୍ରାମବାସୀଙ୍କୁ କହିଥିଲେ।

### ଗଞ୍ଜେଇ ନେଇ ଯାଉଥିବା ଅଟୋ ଜବତ, ୨ ଗିରଫ

ଲମତାପୁଟ, ୧୯।୪(ଡି.ଏନ୍.ଏ.): କୋରାପୁଟ ଜିଲା ଲମତାପୁଟ ବ୍ଲକ ମାଛକୁଣ୍ଡ ଓ ଲମତାପୁଟ ପୋଲିସକୁ ନେଇ ଗଠିତ ଟିମ୍ ୬୭ କିଲୋ ୭ଶହ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ମନ୍ତ୍ରୀପୁଟ ଗ୍ରାମର ଜୟ ଖେମୁଣ୍ଡୁ ଓ ଅଁଳାପୁଟର ଡମ୍ବରୁ ଖିଲ। ମାଛକୁଣ୍ଡ ପୋଲିସ କେସ୍ ନଂ. ୫୧/୨୩ରେ ମାମଲା ରୁଜୁ କରିଛି। ଆନ୍ଧ୍ରରୁ ବଡ଼କିଚକ ରାସ୍ତା ଦେଇ ମନ୍ତ୍ରିପୁଟକୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୋଲିସ ଖବର ପାଇ ଏହାକୁ ଧରିବାକୁ ମାଛକୁଣ୍ଡ ଓ ଲମତାପୁଟ ପୋଲିସର ଏକ ଟିମ୍ ବାୟାପୁଟ ଛକ ନିକଟରେ ଗାଡ଼ିମୋଟର ଯାଞ୍ଚ ଆରମ୍ଭ କରିଥିଲା। ଏହି ସମୟରେ ଏକ ଅଟୋ (ଓଡ଼ି-୧୦ପି-୫୪୬୬) ଦ୍ରୁତ ଗତିରେ ଯାଉଥିବା ଦେଖି ପୋଲିସ ତାକୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଅଟୋରୁ ଗଞ୍ଜେଇ ମିଳିଥିଲା। ଏହାର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି।

### ନେରେଡିବାଲସା ଆବାସିକ ବିଦ୍ୟାଳୟ ସୋଲାର ବ୍ୟାଟେରି ପରିବର୍ତ୍ତନ କରିବାକୁ ପଟ୍ଟାଙ୍ଗି ବିଡିଓଙ୍କୁ ନିର୍ଦ୍ଦେଶ

କୋରାପୁଟ,୧୯।୪(ସ୍ୱ.ପ୍ର.): କୋରାପୁଟ ଜିଲାର କୋଟିଆ ପଞ୍ଚାୟତ ଅନ୍ତର୍ଗତ ନେରେଡିବାଲସା ଆବାସିକ ବିଦ୍ୟାଳୟରେ ରାତ୍ରି ସମୟରେ ସୋଲାର ବ୍ୟାଟେରି ସମସ୍ୟା ଦେଖାଦେଉଥିବାରୁ ଅନ୍ତେବାସୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଜିଲାପାଳ ଅବଦାଲ ଏମ. ଅଖତାର ନିର୍ଦ୍ଦେଶ ଦେଇଥିବା ଉପଜିଲାପାଳ ବେଣୁଧର ଶବର ବୁଧବାର କହିଛନ୍ତି। ବ୍ୟାଟେରି ପରିବର୍ତ୍ତନ କରି ସମସ୍ୟାର ସମାଧାନ ଲାଗି ପଟ୍ଟାଙ୍ଗି ବିଡିଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଉପଜିଲାପାଳ ଶବର ପ୍ରକାଶ କରିଛନ୍ତି।ସୂଚନାଯୋଗ୍ୟ, କୋଟିଆ ପଞ୍ଚାୟତ ଅଞ୍ଚଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଦ୍ୟୁତ୍‌କରଣ କାର୍ଯ୍ୟ ଚାଲିଛି। କିଛି ମାସ ତଳେ ନେରେଡିବାଲସା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିଜ ଘରୁ ବିଦ୍ୟାଳୟକୁ ଆନ୍ଧ୍ର ବିଦ୍ୟୁତ୍ ସଂଯୋଗ କରିଥିଲେ। ଏସମ୍ପର୍କରେ କିଛି ଦିନ ତଳେ ଜାଣିବା ପରେ ଆନ୍ଧ୍ର ବିଦ୍ୟୁତ୍ ବିଭାଗ ସଭାପତିଙ୍କ ଘରୁ ବକେୟା ବିଲ୍ ଦାଖଲ କରି ନ ଥିବା ଦର୍ଶାଇ ବିଦ୍ୟୁତ୍ କାଟି ଦେଇଥିଲା। ଫଳରେ ସଭାପତିଙ୍କ ଘର ସମେତ ବିଦ୍ୟାଳୟ ଓ ଛାତ୍ରାବାସ ଅନ୍ଧାରରେ ରହିଥିଲା।

# ବନ୍ଦ ଯୋଗୁ ଜୀବନଜୀବିକା ଠପ୍

କୋରାପୁଟ/ଲମତାପୁଟ/ସୁନାବେଡ଼ା/ସେମିଳିଗୁଡ଼ା/ଜୟପୁର/ପଟ୍ଟାଙ୍ଗି/ନନ୍ଦପୁର,୧୯।୪ (ସ୍ୱ.ପ୍ର./ଡି.ଏନ୍.ଏ./ନି.ପ୍ର.)


ବନ୍ଦ ଯୋଗୁ ସୁନାବେଡ଼ାରେ ଅଟକି ରହିଥିବା ଗାଡ଼ିମୋଟର।

ସମ୍ବଲପୁରରେ ଘଟିଥିବା ହିଂସା ପ୍ରତିବାଦରେ ବୁଧବାର ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ବନ୍ଦ ପାଳନ କୋରାପୁଟରେ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ଏହି ସମୟରେ ଗାଡି ଚଳାଚଳ ଠପ ସାଙ୍ଗକୁ ଦୋକାନବଜାର ବନ୍ଦ ରହିଥିଲା। ବନ୍ଦ ଯୋଗୁ ବହୁ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ପ୍ରଭାବିତ ହୋଇଥିଲା । ସେହିପରି ୨୬ ନମ୍ବର ଜାତୀୟ ରାଜପଥରେ ଟ୍ରକ୍ ବସ୍ ଚଳାଚଳ ବନ୍ଦ ରହିଥିଲା । ଭାଜପା ସମେତ ବହୁ ସଙ୍ଗଠନ ଏହି ବନ୍ଦକୁ ସମର୍ଥନ କରିଥିଲେ। ଭାଜପା ନେତା ପୂର୍ଣ୍ଣିମା ନାୟକ, ଭାଗୀରଥି ପାଟନିଆ, ଦେବୀ ପ୍ରସାଦ କରଙ୍କ ସମେତ ବହୁ ନେତା ଓ କର୍ମୀ ବନଦ ପାଳନରେ ସାମିଲ ହୋଇଥିଲେ। ଥିଲେ।

ଲମତାପୁଟ ବ୍ଲକରେ ମଧ୍ୟ ବୁଧବାର ବନ୍ଦ ଶାନ୍ତିପୂର୍ଣ୍ଣ ହୋଇଛି। ଲମତାପୁଟରେ ଦୋକାନ ବଜାର ସହ ଗାଡ଼ିମୋଟର ଚଳାଚଳ ବନ୍ଦ ଥିଲା। ଗାଡ଼ି ବନ୍ଦ ଯୋଗୁ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ଏହି ପରିପ୍ରେକ୍ଷୀରେ ସୁନାବେଡ଼ା ଓ ସେମିଳିଗୁଡ଼ାରେ ବିଭିନ୍ନ ହିନ୍ଦୁ ସଙ୍ଗଠନ ଜରୁରୀ ସେବାକୁ ବାଦ୍ ଦେଇ ରାସ୍ତାରେ ଗାଡ଼ିମୋଟର ଚଳାଚଳ ବନ୍ଦ କରିଥିଲେ। ଫଳରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ମୋଟର ଅଟକି ରହିଥିବା ଦେଖିବାକୁ ମିଳିଥିଲା। ସହରରେ ରହିଥିବା ସମସ୍ତ ଦୋକାନ ବଜାର ମଧ୍ୟ ବନ୍ଦ ରହିଥିଲା। ଏହି ବନ୍ଦରେ ବିଶ୍ୱ ହିନ୍ଦୁ ପରିଷଦ, ଆର୍ଏସ୍ଏସ୍, ବଜରଙ୍ଗ ଦଳ, ବଣିକ ସଂଘ କର୍ମକର୍ତ୍ତା ଓ ଭାଜପା କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ ।

ଜୟପୁରରେ ସମ୍ବଲପୁର ହିଂସାକାଣ୍ଡ ପ୍ରତିବାଦରେ ବୁଧବାର ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଏହାକୁ ଭାଜପା, ବଜରଙ୍ଗ ଦଳ ସହ ବିଭିନ୍ନ ହିନ୍ଦୁ ସଙ୍ଗଠନ ସମର୍ଥନ ଦେଇଥିଲେ। ସମ୍ବଲପୁର ଘଟଣାରେ ରାଜ୍ୟ ସରକାରଙ୍କ ଉଦାସୀନତାକୁ ବିରୋଧକରି ବିଶ୍ୱ ହିନ୍ଦୁ ପରିଷଦ ସମେତ ସମସ୍ତ ହିନ୍ଦୁ ସମାଜ ଏକାଠି ହୋଇ ସକାଳ ୬ଟାଠାରୁ ସନ୍ଧ୍ୟା ୬ ଟା ଯାଏ ବନ୍ଦ ପାଳନ କରିଥିଲେ। ମୁଖ୍ୟ ଟ୍ରାଫିକ ଛକଠାରେ ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ଉଭୟ ପଟ ରାସ୍ତାରେ ବହୁ ସଂଖ୍ୟାରେ ଗାଡ଼ି ମୋଟର ଅଟକି ରହିଥିଲା। ଏସ୍‌ଡିପିଓ ହରିଶ ବିଶିଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ହୋଇଥିଲା। ବନ୍ଦ ପାଳନରେ ବାବୁ ଭାଇ ବଜରଙ୍ଗୀ, ବରୁଣ ଜୈନ, ବିନୋଦ ଚତୁର୍ବେଦୀ, ଗୌତମ ସାମନ୍ତରାୟ, ଗୁଲି ସାହୁ, ଅଭି ନାୟକଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

ପଟ୍ଟାଙ୍ଗି ବ୍ଲକ ବସ୍‌ଷ୍ଟାଣ୍ଡ ଉପରେ ସ୍ଥାନୀୟ ବଜରଙ୍ଗୀ ଦଳ, ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟମାନେ ସକାଳ ୬ଟାରୁ ଜାତୀୟ ରାଜପଥରେ ପତାକା ଲଗାଇ ରାସ୍ତା ଉପରେ ବସି ପ୍ରତିବାଦ ଜଣାଇଥିଲେ। । ଏହି ସମୟରେ ଉଭୟ ଆନ୍ଧ୍ର ଓ ଛତିଶଗଡ଼ ଅଭିମୁଖେ ଯାତାୟାତ କରୁଥିବା ସମସ୍ତ ଟ୍ରକ୍ ଏବଂ ବସ୍ ଅଟକି ରହିଥିଲା । ଫଳରେ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବନ୍ଦ ପାଳନ ବ୍ଲକର ଗାଙ୍ଗମାଁ ମନ୍ଦିର ନିକଟରେ ମଧ୍ୟ କରାଯାଇଥିଲା। ଅପରାହ୍ନ ୩ଟାରେ ଜାତୀୟ ରାଜପଥ ଅବରୋଧକୁ ପ୍ରତ୍ୟାହାର କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପଟ୍ଟାଙ୍ଗି ମଣ୍ଡଳର କୃଷ୍ଣଚନ୍ଦ୍ର ଜାନି, ନରସିଂହ ବାଙ୍କା, ପୂର୍ଣ୍ଣଚନ୍ଦ୍ର ବାଙ୍କା, ରଞ୍ଜିତ ପାଣିଗ୍ରାହୀ, ତାଉଡୁ ଦୋରା, ସନ୍ତୋଷ ବାଡତିଆ, ରାଜେନ୍ଦ୍ର ପଟ୍ଟନାୟକ ଓ ଟି. ଗୋପାଳ ରାଓ ପ୍ରମୁଖ ସହଯୋଗ କରିଥିଲେ।

ନନ୍ଦପୁର ଅଞ୍ଚଳରେ ମଧ୍ୟ ବନ୍ଦ ସଫଳ ହୋଇଛି। ବୁଧବାର ସାପ୍ତାହିକ ହାଟ ସତ୍ତ୍ୱେ ନନ୍ଦପୁର ବ୍ଲକ ସଦର ମହକୁମା ସମେତ ପାଡୁଆ ଚାଟୁଆ ଅଞ୍ଚଳରେ ଥିବା ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ବ୍ଲକ ଭାଜପା କର୍ମକର୍ତ୍ତା ମଣ୍ଡଳୀ ସଭାପତି ଜୟରାମ ଭୋଇଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଏନ୍. ବାବୁଲା ଦାସ, ଶଙ୍କର ପୂଜାରୀ, ବି.କେଶବ ଚୌଧୁରୀ ସାମିଲ ହୋଇଥିଲେ।

# କାମରେ ଆସୁନି ଜଳପ୍ରକଳ୍ପ

## ଜଳ କଷ୍ଟ ଭୋଗୁଛନ୍ତି ବାଟିଶିଳଗୁଡ଼ାବାସୀ

ଦଶମନ୍ତପୁର,୧୯।୪( ଡି.ଏନ୍.ଏ.)


ଅଚଳ ହୋଇପଡ଼ିଥିବା ଜଳ ପ୍ରକଳ୍ପ।

କାମରେ ଆସୁନି ୯ ଲକ୍ଷ ଟଙ୍କାର ଜଳପ୍ରକଳ୍ପ। ଜଳ କଷ୍ଟ ଭୋଗୁଛନ୍ତି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁଜାଙ୍ଗ ପଞ୍ଚାୟତର ବାଟିଶିଲଗୁଡା ଗ୍ରାମବାସୀ । ଏହି ଗ୍ରାମରେ ୭୨ ପରିବାର ବସବାସ କରନ୍ତି। ଜନସଂଖ୍ୟା ପ୍ରାୟ ୩୮୬ରୁ ଊର୍ଦ୍ଧ୍ୱ ରହିଛି। ଗ୍ରାମବାସୀଙ୍କ ପାନୀୟ ଜଳ ପାଇଁ ୨ଟି ନଳକୂପ ଖନନ କରାଯାଇଛି । ତେବେ ଏହି ନଳକୂପ ଖନନର ଅଳ୍ପ ଦିନ ପରେ ଅଚଳ ହୋଇ ପଡିଥିବା ଗ୍ରାମର ଗଙ୍ଗାଧର ମୁଦୁଲି, ଅଭି ମୁଦୁଲି, ଈଶ୍ୱର ମୁଦୁଲି, ପ୍ରୀତମ ମୁଦୁଲି, ଗରି ମୁଦୁଲି, ବତୀ ମୁଦୁଲି, ମଙ୍ଗଳି ମୁଦୁଲି, ସମାରୀ ମୁଦୁଲି କହିଛନ୍ତି। ନଳକୂପ ୨ଟି ଅଚଳ ଯୋଗୁ ଗ୍ରାମବାସୀ ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ ଜଳକଷ୍ଟ ଦୂର କରିବା ଲାଗି ଡିଏମ୍ଏଫ୍ ଫଣ୍ଡ ଏବଂ ଜିଲା ପରିଷଦ ପାଣ୍ଠିରୁ ଗ୍ରାମରେ ୨୦୨୧–୨୨ ଆର୍ଥିକ ବର୍ଷରେ ୯ ଲକ୍ଷ ୨୦ ହଜାର ଟଙ୍କାର ଏକ ସୋଲାର ପ୍ରକଳ୍ପ ମଞ୍ଜୁର ହୋଇଥିଲା। ଏହା ପ୍ରତିଷ୍ଠା ପରେ କିଛି ମାସ ଗ୍ରାମବାସୀଙ୍କ ଜଳକଷ୍ଟ ଦୂର ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଉକ୍ତ ପ୍ରକଳ୍ପଟି ଅଚଳ ହୋଇପଡିଛି। ନିମ୍ନମାନର କାର୍ଯ୍ୟ ଯୋଗୁ ପ୍ରକଳ୍ପ ଅଳ୍ପଦିନ ମଧ୍ୟରେ ଅଚଳ ହୋଇପଡିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏବେ କୌଣସି ବିକଳ୍ପ ନ ପାଇ ଗ୍ରାମବାସୀ ଗ୍ରାମ ନିକଟସ୍ଥ ଏକ ବିଲରୁ ଦୂଷିତ ଜଳ ସଂଗ୍ରହ କରି ଚଳୁଛନ୍ତି । ଗ୍ରାମରେ ଖୁବ୍ ଶୀଘ୍ର ପାନୀୟ ଜଳ ବ୍ୟବସ୍ଥା ନ କଲେ ଆମେ ଜିଲାପାଳଙ୍କ ଦ୍ୱାରସ୍ଥ ହେବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ବିପଦସଙ୍କୁଳ ଅବସ୍ଥାରେ ଗୁମୁକା କଲଭର୍ଟ


ନଷ୍ଟ ହୋଇଯାଇଥିବା କଲ୍‌ଭର୍ଟ।

ପୋଟେରୁ,୧୯।୪(ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣ ଯୋଜନାରେ କାଲିମେଲା ବ୍ଲକର ଗୁମୁକାଠାରେ ନିର୍ମିତ ରାସ୍ତାର କଲଭର୍ଟ ଏବେ ବିପଦସଙ୍କୁଳ ହୋଇପଡ଼ିଛି। ଏହା ଉପରେ ଅନ୍ୟ ଉପାୟ ନ ପାଇ ୪ରୁ ଊର୍ଦ୍ଧ୍ୱ ଗ୍ରାମର ଗ୍ରାମବାସୀ ଯାତାୟାତ କରୁଛନ୍ତି। ଏମ୍‌ପିଭି–୧୧ଠାରୁ କଲୋନିଗୁଡ଼ାକୁ ସଂଯୋଗ କରୁଥିବା ଏହି ଗୁମୁକା କଲଭର୍ଟ ଉପରେ ପ୍ରତିଦିନ ବହୁ ଯାନବାହନ ମଧ୍ୟ ଚଳାଚଳ କରୁଛି। ଏନେଇ ବିଭିନ୍ନ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତାରେ ଗାଡ଼ିମୋଟର ଚଳାଚଳରେ ବାଧାପ୍ରାପ୍ତ ହେଉଥିବାରୁ ଲୋକେ ହଇରାଣ ହେଉଛନ୍ତି। ଶୀଘ୍ର ଏହି କଲଭର୍ଟ ମରାମତି କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଆର୍‌ଡି ଯନ୍ତ୍ରୀ ପ୍ରକାଶ ସେଠୀଙ୍କୁ ପଚାରିବାରୁ ସେ କହିଲେ, ସେହି କଲଭର୍ଟ କାମ ବ୍ଲକ କରିବା କଥା। କାରଣ ରାସ୍ତା ନିର୍ମାଣ ବେଳେ କଲଭର୍ଟଟି ଆମ ଏଷ୍ଟିମେଟ୍‌ରେ ନ ଥିବାରୁ ଏହା କରାଯାଇନାହିଁ। ତେବେ ଦିନେ ଦୁଇ ଦିନ ମଧ୍ୟରେ ଏସ୍‌ଡିଓଙ୍କ ସହ ଆଲୋଚନାକରି ଟେଣ୍ଡର ଡାକି ଏ ଦିଗରେ ପଦକ୍ଷେପ ନେବୁ ବୋଲି ସେ ସୂଚନା ଦେଇଛନ୍ତି।

# ଦିଲ୍ଲୀରେ ହାତଧୁଆ ବାର୍ତ୍ତା ବାଣ୍ଟିବେ କୋରାପୁଟର ଦୃଷ୍ଟିବାଧିତ ଛାତ୍ର ଶାନ୍ତନୁ

କୋରାପୁଟ,୧୯।୪,(ସ୍ୱ.ପ୍ର.)


ଦିଲ୍ଲୀ ଯିବା ପୂର୍ବରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଆଶୀର୍ବାଦ ନେଉଛନ୍ତି ଶାନ୍ତନୁ।

ଭାରତର ରାଜଧାନୀ ଦିଲ୍ଲୀରେ ହାତଧୁଆ ବାର୍ତ୍ତା ବାଣ୍ଟିବେ କୋରାପୁଟର ଦୃଷ୍ଟିବାଧିତ ଛାତ୍ର ଶାନ୍ତନୁ ହୋୟାଲ। ଜିଲାର କେତେ ଜଣ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହାତଧୁଆର ଆବଶ୍ୟକତା ଓ ପ୍ରକ୍ରିୟା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଗତ କିଛି ମାସ ତଳେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏ ସମ୍ପର୍କିତ ଏକ ପରୀକ୍ଷା ଦିଲ୍ଲୀଠାରେ ଦେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ଶାନ୍ତନୁ। ଏଥିପାଇଁ ସେ ବୁଧବାର ସେ ଦିଲ୍ଲୀ ଯାତ୍ରା କରିଛନ୍ତି। ପ୍ରତ୍ୟେକ ଶିଶୁଙ୍କ ମଧ୍ୟରେ ନିଜକୁ ବ୍ୟକ୍ତ କରିବାର ସମ୍ଭାବନା ରଖିଥିବା ଶାନ୍ତନୁଙ୍କ ଦୃଢ ମନୋବଳ ତାଙ୍କୁ ଆଗକୁ ବଢିବାର ପ୍ରେରଣା ଦେଇଛି। ଦୃଷ୍ଟିବାଧିତ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଥିବା ଏହି ଛାତ୍ରଙ୍କ କାର୍ଯ୍ୟଶୈଳୀ ଜିଲା ପାଇଁ ଗର୍ବ ଆଣି ଦେଇଛି। ଭାରତର ବିଭିନ୍ନ ରାଜ୍ୟରୁ ଦିଲ୍ଲୀ ଆସିଥିବା ଦୃଷ୍ଟିଶକ୍ତିବାଧିତ ଛାତ୍ର ଦିଲ୍ଲୀରେ ହାତଧୁଆର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିବେ ବୋଲି ସେଭ୍ ଦି ଚିଲ୍ଡ୍ରେନ ସଙ୍ଗଠନର ପ୍ରକଳ୍ପ ସଂଯୋଜକ ବିଦ୍ୟାଧର ମେହେର ସୂଚନା ଦେଇଛନ୍ତି। କୋଭିଡ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରାଥମିକ ସ୍ୱାସ୍ଥ୍ୟ ସୁରକ୍ଷା ନିଶ୍ଚିତ କରିବାର ଏକ ପ୍ରମୁଖ ଆବଶ୍ୟକତାକୁ ଦୃଷ୍ଟିରେ ରଖି କିଛି ମାସ ତଳେ ସେଭ୍ ଦି ଚିଲଡ୍ରେନ ସଙ୍ଗଠନ ପକ୍ଷରୁ ଦୃଷ୍ଟିବାଧିତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ହାତଧୁଆର ଆବଶ୍ୟକତା ଓ ପ୍ରକ୍ରିୟା ନେଇ ସଚେତନତା ସୃଷ୍ଟି ଲାଗି ଏକ ଅଭିଯାନ ଆରମ୍ଭ ହୋଇଥିଲା । ଏହି ଅଭିଯାନରେ ଆୟୋଜିତ ଏକ ବକ୍ତୃତା ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରିବାରେ ଶାନ୍ତନୁ ସଫଳ ହୋଇଥିଲେ। ସଂସ୍ଥା ପକ୍ଷରୁ ତାଙ୍କୁ ଏକ ପ୍ରମୁଖ ଚାଇଲଡ୍ ଏଡୁକେଟର ଭାବେ ଚୟନ କରାଯାଇଥିଲା। ପରେ ଶାନ୍ତନୁ ହାତଧୁଆର ୧୦ଟି ସୋପାନ ସମ୍ପର୍କରେ ଅଧିକ ଜ୍ଞାନ ଆହରୋଣ କରି ତାଙ୍କୁ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ନିକଟରେ ସେଭ୍ ଦି' ଚିଲଡ୍ରେନର ବରିଷ୍ଠ କର୍ମକର୍ତ୍ତା ଏହିବିଦ୍ୟାଳୟ ପରିଦର୍ଶରେ ଆସି ଶାନ୍ତନୁଙ୍କ ପାରିଦର୍ଶିତା ଓ କାର୍ଯ୍ୟ ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ। ଦିଲ୍ଲୀରେ ଏକ ନୂତନ ଅନୁଭୂତି ଲାଭ କରିବା ସହ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଦୃଷ୍ଟିବାଧିତ ପିଲାଙ୍କ ସହ ମିଶି କୋରାପୁଟର କଥାକୁ ସେଠାରେ କହିବାର ସୁଯୋଗ ମିଳିବ ବୋଲି ଶାନ୍ତନୁ କହିଛନ୍ତି। ଶାନ୍ତନୁଙ୍କୁ ଦୃଷ୍ଟିବାଧିତ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

### ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଯାତ୍ରା

ବୁଗୁଡା,୧୯।୪(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଖୋଲଖାଲି ଗ୍ରାମରେ ମା ବୁଢୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଏବଂ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଶିବାଜୀ ସାମଲ ସସ୍ତ୍ରୀକ ଯୋଗ ଦେଇଥିବା ବେଳେ ମୁଖ୍ୟ ପୁରୋହିତ ରାମକୃଷ୍ଣ ନନ୍ଦଙ୍କ ସମେତ ୧୧ ଜଣ ପୁରୋହିତଙ୍କ ଦ୍ୱାରା ଯଥା ରୀତିନୀତି ପ୍ରକାରେ ପୂଜାପାଠ କରାଯାଇଥିଲା। ଏହି ଅବସରରେ ଦୀକ୍ଷା ଗ୍ରହଣ, ଅଙ୍କୁରାରୋପଣ ଏବଂ ନାମ ଅଧିବାସ ଅନୁଷ୍ଠିତ ହୋଇଥିଲା।

# ସେମିଳିଗୁଡ଼ା ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ନନ୍ଦପୁର ବ୍ଲକ ଶୈକ୍ଷିକ ପରିଦର୍ଶନ

ନନ୍ଦପୁର,୧୯।୪(ଡି.ଏନ୍.ଏ.)

କୋରାପୁଟ ଜିଲା ସେମିଳିଗୁଡ଼ା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ସମ୍ମାନ ବିଭାଗର ୩୫ ଛାତ୍ରୀଛାତ୍ର ନନ୍ଦପୁର ବ୍ଲକ ଶୈକ୍ଷିକ ପରିଦର୍ଶନରେ ଆସି ବ୍ଲକର ପ୍ରଶାସନିକ ଅଧିକାରୀ, ରାଜନୈତିକ ତଥା ନିର୍ବାଚିତ ପ୍ରତିନିଧି ଓ ସାଧାରଣ ଜନତାଙ୍କ ସହ ଆଲୋଚନା କରିଛନ୍ତି। ପ୍ରଶାସନିକ ଅଧିକାରୀ ବିଡିଓ ସୁଜିତ କୁମାର ମିଶ୍ର, ଜିପିଇଓ ବେଦାନ୍ତ ମାଝୀ, ବିପିଏମ୍ ଚିତ୍ରା ରାଉତ ପ୍ରମୁଖଙ୍କ ସହ ବ୍ଲକ ବୈଠକ ଗୃହରେ ଆଲୋଚନା କରିଥିଲେ। ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ମିଶନ ଶକ୍ତିର କାର୍ଯ୍ୟକାରିତା ସମ୍ପର୍କରେ ବୁଝିବା ସହ କିଛି ପ୍ରଶ୍ନ ମଧ୍ୟ ପଚାରି ବୁଝିଥିଲେ। ସେହିଭଳି ନିର୍ବାଚିତ ଲୋକ ପ୍ରତିନିଧିଙ୍କ ସହ ଆଲୋଚନା କରି ଲୋକସମ୍ପର୍କ, ସାମାଜିକ, ବୈଠକ, ଲୋକଙ୍କ ସମସ୍ୟା କିଭଳି ପ୍ରଶାସନ ନିକଟରେ ପହଞ୍ଚିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ନନ୍ଦପୁର ବ୍ଲକ ସଦର ମହକୁମା ବୁଲି ସାଧାରଣ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ଚଳଣି, ଜୀବନ ଜୀବିକା, ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ ସହ ରାଜନୀତି ବିଜ୍ଞାନ ମୁଖ୍ୟ ତଥା ପ୍ରାଧାପିକା ଝାନ୍‌ସି ସିଂ, ଅଧାପକ ପ୍ରବୋଧ ମଲିକ ପ୍ରମୁଖ ଉପସ୍ଥିତ ରହି ସମସ୍ତ ବ୍ୟକ୍ତି ବିଶେଷଙ୍କ ସହ ଆଲୋଚନାରେ ଭାଗ ନେଇଥିଲେ। ଆଲୋଚନା ତାଙ୍କ ଭବିଷ୍ୟତ ଗଠନରେ ସହାୟକ ହେବ ଏବଂ ଏଥିପାଇଁ ସହଯୋଗ କରିଥିବା ନନ୍ଦପୁରର ସମସ୍ତ ପ୍ରଶାସନିକ, ରାଜନୈତିକ ଓ ସାଧାରଣ ବ୍ୟକ୍ତି ବିଶେଷଙ୍କୁ ଝାନ୍‌ସି ସିଂ ପ୍ରଶଂସା କରିଛନ୍ତି।

# ଓଡ଼ିଶା ଆଶ୍ରମ ବିଦ୍ୟାଳୟ ବିଦ୍ୟୁତ୍ କାଟିଲା ଆନ୍ଧ୍ର

## ପରିଚାଳନା କମିଟି ସଭାପତିଙ୍କ ନାଁରେ ଆନ୍ଧ୍ର ବିଦ୍ୟୁତ୍ ବିଭାଗରୁ ଆସିଥିଲା ବିଦ୍ୟୁତ୍

ପଟ୍ଟାଙ୍ଗି,୧୯।୪(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସୀମାନ୍ତ ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରୁଥିବା ଦାବି କରୁଥିବା ବ୍ଲକ ପ୍ରଶାସନର ଇଚ୍ଛାଶକ୍ତି ଅଭାବରୁ ଉନ୍ନୟନମୂଳକ କାର୍ଯ୍ୟ ସବୁ ଦିଗହରା ହେଉଛି। ସୀମାନ୍ତ ଅଞ୍ଚଳରେ ଆନ୍ଧ୍ର ଏଥିରୁ ଫାଇଦା ଉଠାଉଛି। ଏପରି ଏକ ଘଟଣା ଏବେ ନଜରକୁ ଆସିଛି। ଓଡ଼ିଶା ଆଶ୍ରମ ବିଦ୍ୟାଳୟରୁ ଆନ୍ଧ୍ର ବିଦ୍ୟୁତ୍ କାଟି ଦେବାପରି ଘଟଣା ଦେଖିବାକୁ ମିଳିଛି।



ତାଡ଼ିବାଲସା ଗ୍ରାମରେ ଥିବା ନେରିଡିବାଲସା ଆଶ୍ରମ ବିଦ୍ୟାଳୟ।

ଖବରରୁ ଜଣାପଡିଛି, ପଡୋଶୀ ଆନ୍ଧ୍ର ସୀମାକୁ ଲାଗି ରହିଛି କୋଟିଆ ପଞ୍ଚାୟତ। ଉକ୍ତ ପଞ୍ଚାୟତର ବିବାଦୀୟ ୨୧ଖଣ୍ଡ ଗ୍ରାମର କିଛି ଗ୍ରାମରେ ଓଡ଼ିଶା ରାଜ୍ୟ ସରକାରଙ୍କ ପକ୍ଷରୁ ବିଦ୍ୟୁତ୍‌ସେବା ଯୋଗାଇ ଦିଆଯାଇଛି। ତଳସେମ୍ବି ଗ୍ରାମ ପର୍ଯ୍ୟନ୍ତ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ବିଦ୍ୟୁତ୍ ସେବା ଯୋଗାଇ ଦେଇଛି। ସବୁ ଗ୍ରାମରେ ବିଦ୍ୟୁତ୍ ସେବା ଯୋଗାଇବାରେ ବ୍ଲକ ପ୍ରଶାସନ ସଫଳ ହୋଇପାରିନାହିଁ । ଫଳରେ ଆନ୍ଧ୍ର ବିଦ୍ୟୁତ୍ ସେବା ଅପହଞ୍ଚ ହୋଇଥିବା ସେହି ସବୁ ଗ୍ରାମରେ ପହଞ୍ଚି ବିଦ୍ୟୁତ୍ ସେବା ସହ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିଛି। ଏହି ଗ୍ରାମ ମଧ୍ୟରେ ରହିଛି ଓଡ଼ିଶା ସରକାରଙ୍କ ତାଡିବାଲସା ଗ୍ରାମ। ଉକ୍ତ ଗ୍ରାମରେ ରହିଛି ନେରିଡିବାଲସା ଆଶ୍ରମ ବିଦ୍ୟାଳୟ। ବିଦ୍ୟାଳୟଟି ପୂର୍ବରୁ ଡେସ୍କୁଲ ଭାବେ ଚାଲୁଥିବା ବେଳେ ୨୦୨୧ରେ ଏହା ସ୍ୱତନ୍ତ୍ର ଆଶ୍ରମ ବିଦ୍ୟାଳୟ ଭାବେ ନାମିତ କରି ଓଡ଼ିଶାର କୋରାପୁଟ ଜିଲା ପ୍ରଶାସନ ଏଠାରେ ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ବ୍ୟବସ୍ଥା କରିଥିଲେ। ଆଶ୍ରମ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ରହିଥିବା ବେଳେ ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏବଂ ବିଦ୍ୟାଳୟରେ ବିଦ୍ୟୁତ୍ ସେବା ନ ଥିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ସୋଲାର ବ୍ୟବସ୍ଥା କରାଯାଇ ଲାଇଟ ଓ ପାନୀୟଜଳ ବ୍ୟବସ୍ଥା କରାଯାଇଥିଲା। ଉକ୍ତ ବ୍ୟବସ୍ଥା ତ୍ରୁଟିପୂର୍ଣ୍ଣ ଥିବାରୁ ଠିକ୍ ଭାବେ ବିଦ୍ୟୁତ୍ ସେବା ମିଳୁ ନ ଥିଲା। ଏଥିରୁ ଫାଇଦା ଉଠାଇବାକୁ ଯୋଜନା କରିଥିଲା ଆନ୍ଧ୍ର। ଆଶ୍ରମ ବିଦ୍ୟାଳୟ ପରିଚାଳନା ସଭାପତି ମାଝି ରାମଚନ୍ଦ୍ରଙ୍କ ନାଁରେ ଆନ୍ଧ୍ର ବିଦ୍ୟୁତ ବିଭାଗରୁ ବିଦ୍ୟୁତ୍ ସେବା ଉକ୍ତ ବିଦ୍ୟାଳୟକୁ ଅଣାଯାଇଥିଲା। ପରିଚାଳନା କମିଟି ସଭାପତି ରାମଚନ୍ଦ୍ରଙ୍କ ନାମରେ ବିଦ୍ୟୁତ୍ ଆସିଥିବାରୁ ତାଙ୍କ ନାମରେ ବିଲ୍ ଆସୁଥିଲା। ବିଦ୍ୟୁତ୍ ବ୍ୟବହାର ନେଇ ବିଲ୍ ବାବଦ ପ୍ରାପ୍ୟ ନ ମିଳିବାରୁ ଆନ୍ଧ୍ର ବିଦ୍ୟୁତ୍ ବିଭାଗ ଗତ ୬ ମାସ ହେଲା ବିଦ୍ୟାଳୟରୁ ବିଦ୍ୟୁତ୍ କାଟି ଦେଇଛି। ଏଥିପାଇଁ ଛାତ୍ରୀଛାତ୍ରମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ୧୦ ହଜାର ଟଙ୍କା ପୈଠ ନ କଲେ ତୁମକୁ ଆନ୍ଧ୍ର ପକ୍ଷରୁ ମିଳୁଥିବା ସମସ୍ତ ସେବା ବନ୍ଦ କରାଯିବ ବୋଲି ଆନ୍ଧ୍ର ବିଦ୍ୟୁତ୍ ବିଭାଗ ଅଧିକାରୀ ରାମଚନ୍ଦ୍ରଙ୍କୁ କହିଛନ୍ତି।

# ୨୧ରୁ ୨ଦିନିଆ ଭାରତୀୟ ପାରମ୍ପରିକ କ୍ରୀଡ଼ା ମହୋତ୍ସବ

## ଆୟୋଜନ କରିବ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

କୋରାପୁଟ,୧୯।୪(ସ୍ୱ.ପ୍ର.)



ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚଳିତ ମାସ ୨୧ ଓ ୨୨ ତାରିଖରେ କ୍ରୀଡ଼ା ଭାରତୀ ସହଯୋଗରେ ଭାରତୀୟ ପାରମ୍ପରିକ କ୍ରୀଡ଼ା ମହୋତ୍ସବ ଆୟୋଜିତ ହେବ। ପ୍ରଥମ ଥର ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ଭାରତର ବିଭିନ୍ନ ପାରମ୍ପରିକ କ୍ରୀଡ଼ା ପ୍ରଦର୍ଶିତ ହେବ। ଆଧୁନିକ ସମାଜରେ ଲୋକପ୍ରିୟତା ହରାଇଥିବା ଭାରତର ପାରମ୍ପରିକ କ୍ରୀଡ଼ା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡ. ସୁଭାଷ ସରକାର ଉଦ୍‌ଘାଟନ କରିବେ। ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପିଭି କ୍ରିଷ୍ଣାଭଟ୍ଟ,ଗୁଜରାଟ କ୍ରୀଡ଼ା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଯତୀନ ସୋନି, କ୍ରୀଡ଼ା ଭାରତୀର ରାଷ୍ଟ୍ରୀୟ ଅଧକ୍ଷ ଗୋପାଳ ସାଇନି, ରାଷ୍ଟ୍ରୀୟ ସମ୍ପାଦକ ରାଜ ଚୌଧୁରୀ, ଯୁଗ୍ମ ସଚିବ, ମଧୁମୟ ନାଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧକ୍ଷତା କରିବେ।

ଏହି କ୍ରୀଡ଼ାରେ ଅଂଶଗ୍ରହଣ ପାଇଁ ବିଭିନ୍ନ ରାଜ୍ୟରୁ ୮ଟି ଦଳ ବିଶ୍ୱବିଦ୍ୟାଳୟରେ ପହଞ୍ଚିବେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୫ଟି ଗ୍ରୁପ୍, ପଶ୍ଚିମବଙ୍ଗର ୨ଟି ଗ୍ରୁପ ଓ ଆସାମର ଗୋଟିଏ ଗ୍ରୁପ୍ ପ୍ରତିଯୋଗିତାରେ ସାମିଲ ହୋଇ ପାରମ୍ପରିକ କ୍ରୀଡ଼ା ପରିବେଷଣ କରିବେ। ପ୍ରସ୍ତାବିତ କ୍ରୀଡ଼ାଗୁଡ଼ିକ ମଧ୍ୟରେ ଓଡ଼ିଶାର ତୀରନ୍ଦାଜି, କବାଡି, ଖୋ–ଖୋ, ମାଲଖମ୍ବ ଓ ରୋପ ମାଲଖମ୍ବ, ଆସାମର ଗଟ୍‌କା, କଲାରିପାୟାଟ୍ଟୁ, ଥଙ୍ଗତା ଏବଂ ଆତ୍ୟା ପଟ୍ୟା , ଗିଲି ଦଣ୍ଡା ଏବଂ ସୂର୍ଯ୍ୟ ନମସ୍କାର ପ୍ରଦର୍ଶନ କରାଯିବ । ଏହି ବ୍ୟତୀତ ଦଳମାନେ ଛଉନୃତ୍ୟ, ପାଇକ ଯୁଦ୍ଧ,ଯୋଗାସନ(ଓଡ଼ିଶା), ରାଇବେନ୍ସେ ନୃତ୍ୟ ଓ ଭାରତୀୟ ଯୁଦ୍ଧ କୌଶଳ (ପଶ୍ଚିମବଙ୍ଗ) ପରିବେଷଣ କରିବେ। ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ।

## ସଂକ୍ଷେପରେ

### ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଲେ

**ଉମରକୋଟ, ୧୯।୪(ସ୍ୱ.ପ୍ର.):** ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ସିଂସାରି ଗ୍ରାମର କାମଦେବ ବେହେରା (୪୦) ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାରକରି ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କାମଦେବଙ୍କ ମାନସିକ ଅବସ୍ଥା ଠିକ୍ ନ ଥିବା ପରିବାର ଲୋକେ କହିଛନ୍ତି। ସୂଚନାନୁଯାୟୀ, କାମଦେବ ନିଜ ଘର ପଛ ପଟେ ପ୍ରଥମେ କାଠ ସଜେଇ ସେଥିରେ ପେଟ୍ରୋଲ ଢାଳିଥିଲେ। ପରେ ନିଜ ଦେହରେ ପେଟ୍ରୋଲ ଢାଳିବା ସହ କାଠ ଉପରେ ଶୋଇପଡ଼ି ନିଆଁ ଲଗାଇ ଦେଇଥିଲେ। ନିଆଁ ଲାଗିଯିବା ପରେ କାମଦେବ ପାଟି କରି ଜଙ୍ଗଲ ଆଡ଼କୁ ଧାଇଁ ପଳାଇଥିଲେ। ତାଙ୍କ ଚିତ୍କାର ଶୁଣି ପରିବାର ଲୋକେ ଓ ଗ୍ରାମବାସୀ ଦୌଡ଼ି ଆସି କାମଦେବଙ୍କୁ ଉଦ୍ଧାର କରିଥିଲେ। ପଡ଼ୋଶୀ ଓ ପରିବାର ଲୋକେ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଶରୀରର ଅଧିକାଂଶ ଭାଗ ପୋଡ଼ିଯାଇଛି।

### ଫେରାର ଅଭିଯୁକ୍ତ ଗିରଫ

**ଜୟପୁର,୧୯।୪(ନି.ପ୍ର.):** ଜୟପୁର ଟାଉନ ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଗୋପବନ୍ଧୁ ନଗରର କାର୍ତ୍ତିକ ନାଗ । କାର୍ତ୍ତିକ ଏକ ମାମଲାରେ ସମ୍ପୃକ୍ତ ଥାଇ ଘଟଣା ଦିନଠାରୁ ଫେରାର ଥିଲେ। ବୁଧବାର ଟାଉନ ପୋଲିସ ସୂଚନା ପାଇ ଗୋପବନ୍ଧୁ ନଗରରେ ଚଢାଉ କରି କାର୍ତ୍ତିକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା।

### ମୃତକଙ୍କ ବାପାଙ୍କୁ ପ୍ରଶାସନର ସହାୟତା

#### ଝାଡ଼ାବାନ୍ତିରେ ୫ବର୍ଷର ଶିଶୁ ମୃତ



**ଉମରକୋଟ, ୧୯।୪(ସ୍ୱ.ପ୍ର.):** ନବରଙ୍ଗପୁର ଜିଲା ଝରିଗାଁ ତହସିଲ ଅଧୀନ ବକଡ଼ାବେଡା ପଞ୍ଚାୟତର ଟେଣ୍ଡକାଗୁଡା ଗ୍ରାମର ବାପୁନ ଭତ୍ରା(୫)ଙ୍କ ମୃତ୍ୟୁ ଘଟିଛି। ନବରଙ୍ଗପୁର ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ ଜାଣିବା ପରେ ଝରିଗାଁ ତହସିଲଦାର ମଧୁସୂଦନ ମାଝିଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇଦେବାକୁ କହିଥିଲେ। ତହସିଲଦାର ମାଝି ରାଜସ୍ୱ ନିରୀକ୍ଷକ ନିମାଇଁ ଦେଙ୍କ ହାତରେ ମୃତ ଶିଶୁଙ୍କ ଘରକୁ ଯାଇ ତାଙ୍କ ବାପାଙ୍କୁ ୧୦,୦୦୦ ଟଙ୍କାର ଆର୍ଥିକ ସହାୟତା ଦେଇଛନ୍ତି। ସୂଚନାନୁଯାୟୀ ମଙ୍ଗଳବାର ରାତିରେ ବାପୁନଙ୍କ ଝାଡ଼ାବାନ୍ତି ଆରମ୍ଭ ହୋଇଯାଇଥିଲା। ବୁଧବାର ସକାଳୁ ତାଙ୍କ ବାପା ଓ ସମ୍ପର୍କୀୟ ବାପୁନଙ୍କୁ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ଶାନ୍ତିପୂର୍ଣ୍ଣ ଭାବେ ନବରଙ୍ଗପୁର ୧୨ ଘଣ୍ଟା ବନ୍ଦ



ନବରଙ୍ଗପୁରଠାରେ ୨୬ ନମ୍ବର ଜାତୀୟ ରାଜପଥରେ ବିଭିନ୍ନ ହିନ୍ଦୁ ସଂଗଠନ ସଦସ୍ୟମାନେ ଧାରଣାରେ ବସିଛନ୍ତି।



ଝରିଗାଁରେ ବଜରଙ୍ଗ ଦଳ ପକ୍ଷରୁ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ବନ୍ଦ କରାଯାଇଛି।

**ନବରଙ୍ଗପୁର/ଝରିଗାଁ/ଚନ୍ଦାହାଣ୍ଡି, ୧୯।୪(ବି.ପ୍ର./ସ୍ୱ.ପ୍ର./ଡି.ଏନ୍.ଏ.)**

ସମ୍ବଲପୁର ସାମ୍ପ୍ରଦାୟିକ ଗଣ୍ଡଗୋଳ ଘଟଣା ପ୍ରତିବାଦରେ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଏବଂ ଅନ୍ୟ ହିନ୍ଦୁ ସଙ୍ଗଠନ ପକ୍ଷରୁ ବୁଧବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ନବରଙ୍ଗପୁର ଜିଲା ବନ୍ଦ ଡାକରା ଦିଆଯାଇଥିଲା। ଏହି ସମୟରେ ସ୍କୁଲ, କଲେଜ, ସରକାରୀ ବେସରକାରୀ ଅଫିସ, ଦୋକାନ ବଜାର, ଯାନବାହନ ଚଳାଚଳ, ବ୍ୟାଙ୍କ, ଡାକଘର ବନ୍ଦ ରହିଛି। ଗାଡ଼ି ଚଳାଚଳ ବନ୍ଦ ଥିବାରୁ ସାଧାରଣ ଲୋକେ ଯାତାୟାତରେ ଅସୁବିଧା ଭୋଗ କରିଥିଲେ। ନବରଙ୍ଗପୁର ଜିଲା ସଦର,ଉମରକୋଟ ସହର ସମେତ ୧୦ଟି ବ୍ଲକରେ ବନ୍ଦ ଶାନ୍ତିପୂର୍ଣ୍ଣ ହୋଇଛି।

ନବରଙ୍ଗପୁର ସହରରେ ଦୋକାନ ବଜାର ସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ପିକେଟିଂ କରି ବନ୍ଦ କରାଯାଇଛି। ବନ୍ଦ ପ୍ରଭାବରେ ନବରଙ୍ଗପୁର ସହରର ଚାଉଁରିଆଗୁଡ଼ା ଛକ ନିକଟରେ ଗାଡ଼ିଗୁଡିକ ଅଟକି ରହିଥିଲା। କୋରାପୁଟ–ନବରଙ୍ଗପୁର–କଳାହାଣ୍ଡିକୁ ସଂଯୋଗ କରୁଥିବା ୨୬ ନମ୍ବର ଜାତୀୟ ରାଜପଥରେ ବିଭିନ୍ନ ହିନ୍ଦୁ ସଂଗଠନର କର୍ମକର୍ତ୍ତା ଧାରଣା ଦେଇଥିଲେ। ଜରୁରିକାଳୀନ ସେବା ବ୍ୟତୀତ ସମସ୍ତ ସେବା ବନ୍ଦ କରାଯାଇଛି।

ଝରିଗାଁ ବସ୍‌ଷ୍ଟାଣ୍ଡ ଛକ ନିକଟରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ସଭା କରାଯାଇଥିଲା। ଏଥିରେ ବିଭିନ୍ନ ସଙ୍ଗଠନର ସଦସ୍ୟ ଯୋଗଦେଇଥିଲେ।

ଚନ୍ଦାହାଣ୍ଡିରେ ବିଶ୍ୱ ହିନ୍ଦୁ ପରିଷଦର ସୁରଜ ଅଗସ୍ତି, ରାଧାରମଣ ପାଢ଼ୀ, ଶ୍ରୀମନ୍ତ ରଥ, ଲିଙ୍ଗରାଜ ଚୌହାନ, ଚନ୍ଦନ ସାହୁ, ହର୍ଷିତ ସାହୁ, ଚନ୍ଦନ ଜଗତ, ଆକାଶ ଜଗତ, ଟିକେଶ୍ୱର ନାୟକ ପ୍ରମୁଖ ବନ୍ଦରେ ସାମିଲ ଥିଲେ। ଚନ୍ଦାହାଣ୍ଡି ଥାନାଧିକାରୀ, ତହସିଲଦାର ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

# ଦୋଷୀଙ୍କୁ ୧୦ ବର୍ଷ ଜେଲ, ୧୦ ହଜାର ଜରିମାନା

**ରାୟଗଡ଼ା,୧୯।୪(ସ୍ୱ.ପ୍ର.)**

### ଯୁବତୀଙ୍କୁ ବଳାତ୍କାର, ପ୍ରତାରଣା ମାମଲା

ରାୟଗଡ଼ା ମହିଳା ଅଦାଲତ ବିଚାରପତି ସୋନାଲ ଶର୍ମା ମଙ୍ଗଳବାର ଏକ ବଳାତ୍କାର ଓ ପ୍ରତାରଣା ମାମଲାର ବିଚାର କରି ଦୋଷୀଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ୍ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ଜଣଙ୍କ ହେଲେ ରାୟଗଡ଼ା ବ୍ଲକ ଚାନ୍ଦିଲି ଥାନା ଅନ୍ତର୍ଗତ ବିରନାରାୟଣପୁର ଗ୍ରାମର ରାଜେଶ ସାରକା ।

ରାଜେଶ ଜଣେ ଯୁବତୀଙ୍କୁ ଫସାଇ ବଳାତ୍କାର କରିଥିଲେ। ପରେ ତାଙ୍କୁ ବିବାହ କରିବେ ବୋଲି ପ୍ରଲୋଭିତ କରି ବାରମ୍ବାର ଶାରୀରିକ ସମ୍ପର୍କ ରଖୁଥିଲେ। ତେବେ ପୀଡିତାଙ୍କୁ ସେ ବିବାହ ନ କରି ପ୍ରତାରଣା କରିଥିଲେ। ଏ ନେଇ ପୀଡ଼ିତା ୨୦୧୯ ମେ ୧୬ରେ ଥାନାରେ ଅଭିଯୋଗ କରିଥିଲେ । ଚାନ୍ଦିଲା ଥାନା ପୋଲିସ ନଂ.୭୯/୨୦୧୯ରେ ମାମଲା ରୁଜୁ କରି ତଦନ୍ତ ପରେ ରାଜେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାରେ ୧୬ ଜଣଙ୍କ ସାକ୍ଷ୍ୟ ଓ ସମସ୍ତ ପ୍ରମାଣକୁ ଭିତ୍ତି କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରୀ ଓକିଲ ଭାବେ ଆଇନଜୀବୀ ରବି ପ୍ରସାଦ ମହାପାତ୍ର ମାମଲା ତଦାରଖ କରୁଥିଲେ।

# ରାସ୍ତାରେ ପକାଯାଇଛି ମାଟି : ବିପଦରେ ପଥିକ, ଯାତ୍ରୀ

**ନବରଙ୍ଗପୁର,୧୯।୪(ବି.ପ୍ର.)**



ଟ୍ରାଫିକ ନିୟନ୍ତ୍ରଣ ପାଇଁ ପ୍ରଶାସନ ଜଣସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ମଙ୍ଗଲମ ଟିମ୍ବର ଦେଇ ମହିଳା ମହାବିଦ୍ୟାଳୟ, ଭିଜିଲାନ୍ସ ଅଫିସ୍ ଛକ ଦେଇ ସର୍କିଟ ହାଉସ ନିକଟ ୨୬ ନମ୍ବର ଜାତୀୟ ରାଜପଥକୁ ଏକ ରାସ୍ତା ସଂଯୋଗକଲେ। ଏବେ ଏହି ରାସ୍ତାର ଅନେକ ସ୍ଥାନ ବିପଦପୂର୍ଣ୍ଣ ହୋଇ ପଡ଼ିଛି।

ନବରଙ୍ଗପୁର ସହରର ବାଇପାସ୍ ରାସ୍ତା ଭାବେ ବ୍ୟବହାର ହେଉଥିବା ରାସ୍ତାକଡ଼ରେ ଟ୍ରକ୍ ଓ ଟିପ୍ପର ମାଧ୍ୟମରେ ମାଟି ଓ ଆବର୍ଜନା ଡମ୍ପିଂ କରାଯାଉଛି। ରାସ୍ତା ସଂକୀର୍ଣ୍ଣ ଯୋଗୁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି ପଥିକ ଓ ଚାଳକ। ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଏହି ରାସ୍ତା ହୋଇଥିବାବେଳେ ବିଭାଗ ଓ ପୌରସଂସ୍ଥା କେହି ମଧ୍ୟ ଦୃଷ୍ଟି ଦେଉ ନାହାନ୍ତି। ଜିଲାପାଳ ଏ ଦିଗରେ ଗୁରୁତ୍ୱ ଦେବାକୁ ଦାବି ହେଉଛି। ଅନ୍ୟପକ୍ଷରେ ଏହି ରାସ୍ତାକୁ ସଂଯୋଗ କରୁଥିବା ଭିଜିଲାନ୍ସ ଅଫିସ ଛକରୁ ସର୍କିଟ ହାଉସ ଛକ ପର୍ଯ୍ୟନ୍ତ ନୂତନ ରାସ୍ତା ସଂଯୋଗ କରାଗଲା । ଏହି ରାସ୍ତା ଖୋଲିବାର ମାସକ ମଧ୍ୟରେ ଦୁର୍ଘଟଣାରେ ଜଣେ କନଷ୍ଟେବଲଙ୍କର ମୃତ୍ୟୁ ଘଟିଲା। ଏହାର କିଛିଦିନ ବ୍ୟବଧାନରେ ଜିଲା ପରିଷଦ କାର୍ଯ୍ୟାଳୟର ବୋଲେରୋ ଟ୍ରକ୍‌କୁ ପିଟିଲା । ଏଥିରେ ଜଣେ ଅଧିକାରୀ ଗୁରୁତର ହୋଇ ଏବେ ବି ଚିକିତ୍ସାଧୀନ ଅଛନ୍ତି। ରାସ୍ତାକଡ଼ରେ ଗୋଟାଲାଣ ଟ୍ରକ୍ ବେଆଇନ ଭାବେ ପାର୍କିଂ ଦୁର୍ଘଟଣାର ମୁଖ୍ୟ କାରଣ ଥିଲା। ସେହିଭଳି ଏବେ ମାଟି ଓ ଆବର୍ଜନା ରାସ୍ତା ଉପରେ ଡମ୍ପିଂ କରିବା ଦୁର୍ଘଟଣାର କାରଣ ହୋଇ ଠିଆହେବ। ଆଗକୁ ରହିଛି କଲ୍ୟାଣ ମଣ୍ଡପ। କୌଣସି କାର୍ଯ୍ୟକ୍ରମ ହେଲେ ଗାଡ଼ି ପାର୍କିଂ ଓ କିଛି ଦୂରରେ ରହିଛି ବିଦେଶୀ ମଦଦୋକାନ ଏହି ଦୁଇ ସ୍ଥାନ ମଝିରେ ରାସ୍ତାକଡ଼ରେ ମାଟି ଓ ଆବର୍ଜନା ଆଣି କେହି ବିଳମ୍ବିତ ରାତିରେ ପକାଇ ଚାଲିଛନ୍ତି। ଏନେଇ ପୌର ପ୍ରଶାସନ ଓ ଜିଲାପାଳ ଗୁରୁତ୍ୱ ନ ଦେଲେ ସଡ଼କ ସୁରକ୍ଷା ଜୀବନ ରକ୍ଷା ବାର୍ତ୍ତା ଓଲଟା ହୋଇଯିବ। ଦୁର୍ଘଟଣା ରୋକିବା ପାଇଁ ପ୍ରଶାସନ ସମେତ ସମସ୍ତ ଜନସାଧାରଣଙ୍କ ମଧ୍ୟ କର୍ତ୍ତବ୍ୟ ରହିଛି। ଯେଉଁ ବ୍ୟକ୍ତିବିଶେଷ ମାଟି ଓ ଆବର୍ଜନା ରାସ୍ତା ଉପରେ ପକାଉଛନ୍ତି ତାହା ନ କରନ୍ତୁ। ନିଜ ସ୍ୱାର୍ଥପାଇଁ ଅନ୍ୟର ଜୀବନକୁ ବିପଦରେ ପକାନ୍ତୁ ନାହିଁ ବୋଲି ଲୋକେ ଦାବି କରିଛନ୍ତି।

### ଭାଲୁ ଆକ୍ରମଣରେ ଜଙ୍ଗଲ ଜଗୁଆଳି ଫଗୁଣୁ ଭତ୍ରା ଗୁରୁତର

**ନବରଙ୍ଗପୁର,୧୯।୪(ବି.ପ୍ର.)**

ନବରଙ୍ଗପୁର ବ୍ଲକ ଚଟାହାଣ୍ଡି ପଞ୍ଚାୟତ ଅଧୀନ ବାଉଁସିଆଗୁଡ଼ା ଗ୍ରାମର ଫଗୁଣୁ ଭତ୍ରା (୪୫)ଙ୍କୁ ୪ଭାଲୁ ଏକା ସହ ଆକ୍ରମଣ କରିଛନ୍ତି। ଫଗୁଣୁ ପାଟି କରିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଭାଲୁ ଆକ୍ରମଣରୁ ରକ୍ଷା କରିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ସରପଞ୍ଚ ଦେବରାଜ୧୦୮ରେ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସାପରେ କୋରାପୁଟ ମେଡିକାଲ ସ୍ଥାନାନ୍ତରିତ କରାଯାଇଛି। ଫଗୁଣୁର ଗୋଡ଼ ହାତ ଓ ମୁଣ୍ଡକୁ ଭାଲୁ ଆକ୍ରମଣ କରିଛି। ଫଗୁଣ ଜଙ୍ଗଲ ଜଗିବାକୁ ଯାଇଥିବା ସମୟରେ ପୂର୍ବାହ୍ନ ସାଢ଼େ ୧୦ ଟାରେ ଏହି ଘଟଣା ଘଟିଥିଲା ।

# କାଶୀପୁର ବ୍ଲକରେ ପୁଣି ଜନନୀ ଯନ୍ତ୍ରଣା



ଜଣେ ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ନିଆଯାଉଛି।

**ଟିକିରି,୧୯।୪(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ମାଣ୍ଡିବିସି ପଞ୍ଚାୟତ ଜଲାଖୁରା ଗ୍ରାମରେ ପୁଣିଥରେ ଜନନୀ ଯନ୍ତ୍ରଣାର ଦୁଃଖ ଦେଖିବାକୁ ମିଳିଛି। ବସନ୍ତ ନାୟକଙ୍କ ସ୍ତ୍ରୀ ସୁଶୀଳା ଗର୍ଭବତୀ ଥିବାବେଳେ ମଙ୍ଗଳବାର ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ଏହା ପରେ ତାଙ୍କ ସ୍ୱାମୀ ୧୦୮ ଆମ୍ବୁଲାନ୍ସକୁ ଫୋନ କରି ଜଣାଇଥିଲେ। ଆମ୍ବୁଲାନ୍ସ ଆସିଥିଲା। କିନ୍ତୁ ଗାଁକୁ ପକ୍କା ରାସ୍ତା ନଥିବାରୁ ଗ୍ରାମଠାରୁ ପାଞ୍ଚ କିଲୋମିଟର ଦୂରରେ ଅଟକି ରହିଲା ଆମ୍ବୁଲାନ୍ସ। ଫଳରେ ଷ୍ଟ୍ରେଚରରେ ବୁହାହୋଇ ଗାଡ଼ି ପାଖକୁ ସୁଶୀଳା ଆସିଥିଲେ। ପ୍ରଥମେ ତାଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସା ପରେ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କାଶୀପୁର ବ୍ଲକରେ ବାରମ୍ବାର ଏଭଳି ଘଟଣା ଦେଖିବାକୁ ମିଳୁଛି। ଏନେଇ ବିଭିନ୍ନ ସମୟରେ ବିଭିନ୍ନ ଖବରକାଗଜରେ ଖବର ପ୍ରକାଶ ପାଇଲେ ମଧ୍ୟ ସରକାରଙ୍କ ଦୃଷ୍ଟି ପଡୁନାହିଁ।

# କଂଗ୍ରେସର ପ୍ରତିବାଦ ସଭା, କର୍ମୀ ସମ୍ମିଳନୀ

**ରାୟଗଡ଼ା(ସ୍ୱ.ପ୍ର.)/ରାୟଗଡ଼ା ଅଫିସ,୧୯।୪**

ରାୟଗଡ଼ା ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜୟ ଭାରତ ସତ୍ୟାଗ୍ରହ ସଭା ଅନୁଷ୍ଠିତ ହୋଇଯାଇଛି । ଜିଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ଜିଲାର ଶତାଧିକ କଂଗ୍ରେସ କର୍ମୀ ଏଥିରେ ଯୋଗଦେଇ କେନ୍ଦ୍ରର ଭାଜପା ଓ ରାଜ୍ୟରେ ଶାସନ କରୁଥିବା ବିଜେଡିର ମନମୁଖୀ କାର୍ଯ୍ୟକୁ ବିରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତିଙ୍କ ସମେତ ଉପସଭାପତି ଶଙ୍କର୍ଷଣ ମଙ୍ଗରାଜ, ସାଧାରଣ ସମ୍ପାଦକ ପାର୍ଥ ବର୍ଦ୍ଧନ, ବରିଷ୍ଠ ନେତା ଆପଲସ୍ୱାମୀ କାଡ୍ରାକା, ଜିଲାର ୧୧ ବ୍ଲକ କଂଗ୍ରେସ ସଭାପତି, ଏମ୍‌ପି ପ୍ରତିନିଧି ଓ ଶତାଧିକ କର୍ମୀ ଯୋଗଦେଇଥିଲେ । ଏହାପରେ ସ୍ଥାନୀୟ ଲାୟନ୍ସ କ୍ଲବ ଠାରେ ଜିଲା କଂଗ୍ରେସ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଥିଲା । ଜିଲା ସଭାପତି ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ବରିଷ୍ଠ କଂଗ୍ରେସ ନେତା ବିଜୟ ପଟ୍ଟନାୟକ ଯୋଗଦେଇ କର୍ମୀମାନଙ୍କୁ ବିଜେଡି ସରକାରଙ୍କ ୨୫ ବର୍ଷର ବିଫଳତା ସମ୍ପର୍କରେ କହିଥିଲେ। ଏଥିସହ କେନ୍ଦ୍ରର ଭାଜପା ସରକାର ଉପରେ ମଧ୍ୟ ବର୍ଷିଥିଲେ । ୨୦୨୪ ସାଧାରଣ ନିର୍ବାଚନରେ କଂଗ୍ରେସ କିଭଳି ଭାବେ ବିଜୟୀ ହେବ ସେନେଇ କର୍ମୀମାନଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରାର୍ଥୀ ଆପଲସୱାମୀ କାଡ୍ରାକା, ପୂର୍ବତନ ମନ୍ତ୍ରୀ ଡମ୍ବୁରୁଧର ଉଲାକା, ଏମ୍‌ପି ସପ୍ତଗିରି ଉଲାକା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ, ବିଷମକଟକ ବିଧାୟକ ପ୍ରାର୍ଥି ନୀଳମାଧବ ହିକକା, ନୀଳମାଧବ ଉଲାକା, ନୀଳାମ୍ବର ବିଭାର ଓ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ । ଜିଲା କଂଗ୍ରେସ ସଭାପତି, ସାଧାରଣ ସମ୍ପାଦକ ପାର୍ଥ ବର୍ଦ୍ଧନ ଓ ଏମପିଙ୍କ ବ୍ୟକ୍ତିଗତ ସଚିବ ବାପି ପଟ୍ଟନାୟକ ଏବଂ ଯୁବ କଂଗ୍ରେସ ସଭାପତି ଅସଲମ ଖାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ ଆୟୋଜନ ହୋଇଥିଲା ।





କଂଗ୍ରେସ ନେତା ଓ କର୍ମୀମାନେ ପ୍ରତିବାଦ କରୁଛନ୍ତି।

# ପରିବାର ନିୟୋଜନ ସଚେତନତା ରଥ ଗଡ଼ିଲା





ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଉଛି।

**ଗୁଡ଼ାରି,୧୯।୪(ଡି.ଏନ୍.ଏ.)**

ଗୁଡ଼ାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବୁଧବାର ପରିବାର ନିୟୋଜନ ସଚେତନତା ରଥକୁ ପତାକା ଦେଖାଇ ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଅରୂପାନନ୍ଦ ବେହେରା ଶୁଭାରମ୍ଭ କରିଛନ୍ତି। ଏହି ରଥ ବିଭିନ୍ନ ଗାଁ ବୁଲି ପରିବାର ନିୟୋଜନ ସଚେତନତା ବାର୍ତ୍ତା ଦେଇଥିଲା। ବିଶେଷକରି ସରକାରୀ ସୁବିଧା ଓ ପରିବାରର ଲାଭ ସମ୍ପର୍କରେ ଏହି ରଥ ଲୋକଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ବାର୍ତ୍ତା ବାଣ୍ଟିଥିଲା। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅନେକ କର୍ମଚାରୀ ସହଯୋଗ କରିଥିଲେ।

# ନବରଙ୍ଗପୁରକୁ ହରାଇ ଉମରକୋଟ ଚାମ୍ପିୟନ

**ଉମରକୋଟ, ୧୯।୪(ସ୍ୱ.ପ୍ର.)**

### ମା ପେଣ୍ଡ୍ରାଣୀ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଉମରକୋଟ ସହରର କେନାଲ ସାହିରେ ଚାଲିଥିବା ମା ପେଣ୍ଡ୍ରାଣୀ ଭଲିବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୨ ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ଅବିଭକ୍ତ କୋରାପୁଟ ଜିଲାରୁ ୧୬ଟି ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଉମରକୋଟର ଢେପଗୁଡ଼ା ଓ ନବରଙ୍ଗପୁର ମଧ୍ୟରେ ହୋଇଥିଲା। ଏଥିରେ ଢେପଗୁଡ଼ା ଟିମ୍ ବିଜୟୀ ହୋଇଛି। ବିଜୟୀ ଦଳକୁ ଆୟୋଜନ କମିଟି ପକ୍ଷରୁ ଟ୍ରଫି ସହ ୩୧,୧୧୧ ଟଙ୍କା ଓ ନବରଙ୍ଗପୁର ଦଳକୁ ରନର୍ସ ଅପ୍ ଟ୍ରଫି ସହ ୨୧,୧୧୧ ଟଙ୍କା ଦିଆଯାଇଛି। ଉଦ୍‌ଯାପନୀ ଉତ୍ସବରେ ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ମୁଖ୍ୟ ଅତିଥିଭାବେ ଉପସ୍ଥିତ ରହି କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ କାଉନସିଲ ତପନ ଦେବନାଥ ଓ ଚିତ୍ତ ପାତ୍ର, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ଗଣ୍ଡ, ରାଇଘର ବ୍ଲକ ଅଧ୍ୟକ୍ଷା ନବୀନା ନାୟକ, ଉମରକୋଟ ନଗର ବିଜେଡି ସଭାପତି କୈଳାସ ନାୟକ, ସାମାଜିକ କର୍ମୀ ସଲିମ୍ ରାଠୋର, ବ୍ୟବସାୟୀ ନାସିର ସୁଫି, ସୀମା ବିଷୋୟୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସଭାପତି ସୁମନ୍ତ କୁଞ୍ଜେରିଆ, ସମ୍ପାଦକ ବିଜୟ କୁମାର ଗଣ୍ଡ, ଉପଦେଷ୍ଟା ରବି ସୁନା ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।



ଅତିଥିଙ୍କ ସହ ଖେଳାଳିମାନେ।

# ସରିଲା ଅମଲଭଟ୍ଟା ପାରମ୍ପରିକ ବାଲିଯାତ୍ରା

**ତେନ୍ତୁଳିଖୁଣ୍ଟି, ୧୯।୪(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅମଲାଭଟ୍ଟା ଗ୍ରାମରେ ୯ ଦିନ ଧରି ଚାଲିଥିବା ପାରମ୍ପରିକ କୃଷିଭିତ୍ତିକ ବାଲିଯାତ୍ରା ଶେଷ ହୋଇଛି। ଏହି ବାଲିଯାତ୍ରା ୩ବର୍ଷରେ ଥରେ ହୋଇଥାଏ। ବାଲିଯାତ୍ରାର ୯ ଦିନ ଆଗରୁ ଏକ ଗ୍ରାମର ନାଳରୁ ବାଲି ଅଣାଯାଏ। ଏହି ବାଲିକୁ ଯାନୀସାହିର ଯାନୀ ଘରେ ରଖି ବାଲି ଚାମୁଣ୍ଡା କରିଥାଆନ୍ତି। ନୂଆ ଟାଙ୍ଗୁଡ଼ି, ପତ୍ରରେ ଦନାରେ ବାଲି ରଖି ବିହନ ଧାନ,ମାଣ୍ଡିଆ, ମକା,ସମସ୍ତ ପ୍ରକାର ମଞ୍ଜିକୁ ବୁଣି ଗଜା କରାଯାଏ। ଏହି ବିହନରେ ପ୍ରତ୍ୟେକ ଦିନ ହଳଦୀ ପାଣି ଦିଆଯାଏ। ବାଲି ରାପିବା ଠାରୁ ୯ଦିନ ଧରି ସଞ୍ଜ ବେଳକୁ ଗ୍ରାମର ଯୁବତୀ ଯୁବକ ମହିଳା ପୁରୁଷ ନାଚକରି ଥାଆନ୍ତି। ନବମ ଦିନରେ ଗ୍ରାମର ସମସ୍ତେ ନାଚ,ଗୀତ ସହ ପାରମ୍ପରିକ ବେଶଭୁଷାରେ ସଜେଇହୋଇ ବାଲି ଟାଙ୍ଗୁଡ଼ି ଧରି ଶୋଭାଯାତ୍ରାର ବାହାରିଥାନ୍ତି। ବାଲିଯାତ୍ରାରେ ଯାନୀ,ଗୁରୁମାଇଙ୍କ ନିର୍ଦ୍ଦେଶରେ ପୂଜାର୍ଚ୍ଚନା କରାଯାଏ। ଉଦ୍‌ଯାପନୀ ଦିବସରେ ଶିରା, ଗୁରୁମାଇ, ଲାଠି, ଗାଦି, କଣ୍ଟାଦୋଳି, କାଠରେ ତିଆରି ଲଙ୍ଗଳ, ଟାଙ୍ଗିଆ, ଶାବଳ, କୁଡକି ଆଦି ସହ ମହିଳାମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେଠାରେ ଗୁରୁମାଇ ଓ ଶିରାଙ୍କ ଦ୍ୱାରା ବାଲି ବିସର୍ଜନ ହୋଇଥିଲା। ମନୋରଞ୍ଜନ ପାଇଁ କୋରାପୁଟିଆ ଦେଶିଆ ନାଟକ ପରିବେଷଣ କରାଯାଇଛି। ଏଥିରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲା ପରିଷଦ କ୍ରିଷ୍ଣା ମଞ୍ଜରୀ ବିଷୋୟୀ, ବ୍ଲକ ଭାଇସ ଚେୟାରମ୍ୟାନ ରାଜେନ୍ଦ୍ର ବିଷୋୟୀ, ସରପଞ୍ଚ କାର୍ତ୍ତିକ ମୁଦୁଲି, ପାତ୍ରପୁଟ ସମିତି ସଭ୍ୟ ତଥା ପିସିସି ସଭ୍ୟ ଦିଲୀପ ପ୍ରଧାନୀ, ଭୀମ ପାଣିଗ୍ରାହୀ, ସୁନୀଲ ସିଂହ, ଭାଜପା ଜିଲା କାର୍ଯକାରିଣୀ ସଦସ୍ୟ ଧରଣୀ ସିଂ, ତପନ ମୁଦୁଲି, ବୁନୁ ପୁରସ୍ତମ ଯାନୀ, ତପନ ମୁଦୁଲିଙ୍କ ସହ ଗ୍ରାମର ସମସ୍ତ ଯୁବକ ଉପସ୍ଥିତ ଥିଲେ। ଗାଁ କମିଟି ସହ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।



ଶୋଭାଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ।

- ୩ ବର୍ଷରେ ଥରେ ହୁଏ ବାଲିଯାତ୍ରା
- ବାଲିଟାଙ୍ଗୁଡି ମୁଣ୍ଡାଇ ଶୋଭାଯାତ୍ରାରେ ସାମିଲ ହେଲେ ଗ୍ରାମବାସୀ

